6XH7N

GENERAL STUDIES-III

ସାଧାରଣ ଅଧ୍ୟୟନ-III

Time : 3 Hours
ସମୟ : ୩ ଘଣ୍ଟା
Full Marks : 250
ପୂର୍ଣ୍ଣ ସଂଖ୍ୟା : ୨୫୦

The question paper contains **17** *(Seventeen) questions.*
In **Group - A, 12** *(Twelve) and* **Group - B, 05** *(Five) together.*
ପ୍ରତ୍ୟେକ ପ୍ରଶ୍ନପତ୍ରରେ **Group - A, 12** (ବାର) ଏବଂ **Group - B, 05** (ପାଞ୍ଚ) କୁ ମିଶାଇ **17** (ସତର) ଟି ପ୍ରଶ୍ନ ରହିଛି ।

GROUP-A

ଗ୍ରୁପ୍-A

Candidates to attempt **10** *(ten) questions in* **250** *words.*

Each question carries **15** *marks.*

ପରୀକ୍ଷାର୍ଥୀମାନେ **10** ଟି ପ୍ରଶ୍ନ **250** ଶବ୍ଦରେ ଉତ୍ତର ଦେବେ ।

ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ **15** ମାର୍କ ।

1. In June this year, the RBI adopted the same step used during 2013 Taper Tantrum to strengthen Indian rupee in dollar term and to improve foreign currency reserve. Discuss. Also analyse its long term implications.

ଏହି ବର୍ଷ ଜୁନ୍ ମାସରେ ଭାରତୀୟ ଟଙ୍କାକୁ ଡଲାରମୂଲ୍ୟରେ ସୁଦୃଢ଼ କରିବା ପାଇଁ ଏବଂ ବୈଦେଶିକ ମୁଦ୍ରା ଭଣ୍ଡାରର ବୃଦ୍ଧିପାଇଁ RBI 2013 Taper Tantrum ବେଳକୁ ନିଆଯାଇଥିବା ସମାନ ପଦକ୍ଷେପ ଗ୍ରହଣ କଲା । ଆଲୋଚନା କର । ଆହୁରି ମଧ୍ୟ ଏହାର ଦୀର୍ଘମିଆଦି ପରିଣାମ ବିଶ୍ଳେଷଣ କର ।

2. What is the gender vision of Odisha's Gender Budget 2026-27? How are allocations distributed between gender-specific and gender-sensitive interventions and to what extent do they address existing gender disparities and advance gender parity in Odisha?

ଓଡ଼ିଶାର ଲିଙ୍ଗଭିତ୍ତିକ ବଜେଟ 2026-27 ରେ ଜେଣ୍ଡର ଭିଜନ (gender vision) କଣ ? ଓଡ଼ିଶାରେ ଲିଙ୍ଗ–ନିର୍ଦ୍ଦିଷ୍ଟ ଏବଂ ଲିଙ୍ଗ ସମ୍ବେଦନଶୀଳ ପଦକ୍ଷେପଗୁଡିକ ମଧ୍ୟରେ କିପରି ଅର୍ଥବଣ୍ଟନ କରାଯାଏ ଏବଂ ସେଗୁଡିକ ବିଦ୍ୟମାନ ଲିଙ୍ଗଗତ ଅସମାନତାକୁ ଦୂର କରିବା ତଥା ଲିଙ୍ଗଗତ ସମାନତାକୁ ଆଗକୁ ବଢ଼ାଇବା ରେ କେତେମାତ୍ରାରେ ସହାୟକ ହୁଅନ୍ତି – ଆଲୋଚନା କର ।

3. What do you mean by "Minimum Support Price" (MSP) and how many crops are covered under the MSP in India? Explain how does the MSP protect agricultural producers?

"ସର୍ବନିମ୍ନ ସହାୟକ ମୂଲ୍ୟ" (MSP) କହିଲେ ତୁମେ କ'ଣ ବୁଝ ଏବଂ ଭାରତରେ କେତେ ପ୍ରକାରର ଫସଲ ଏମ୍ଏସ୍ପି (MSP) ଅନ୍ତର୍ଭୁକ୍ତ ତାହା ଦର୍ଶାଅ ? ଏମ୍ଏସ୍ପି (MSP) କିପରି କୃଷି ଉତ୍ପାଦକମାନଙ୍କୁ ସୁରକ୍ଷା ଦିଏ ତାହା ଉଲ୍ଲେଖ କର ।

4. Mining and quarrying constitute an important component of Odisha's industrial sector. Examine the trend in their contribution to the Gross State Value Added of Odisha. Critically assess the performance of the District Mineral Foundation in improving the socio-economic well-being of communities affected by mining and quarrying activities.

ଖଣି ଓ ପଥରଖଣି ଓଡ଼ିଶାର ଶିଳ୍ପ କ୍ଷେତ୍ରରେ ଏକ ଏକ ଗୁରୁତ୍ୱପୂର୍ଣ୍ଣ ବିଭବ । ଓଡ଼ିଶାର ମୋଟ ରାଜ୍ୟ ମୂଲ୍ୟ ସଂଯୋଜିତରେ (GSVA) ସେସବୁର ଅବଦାନର ଧାରା ପରୀକ୍ଷା କର । ଖଣି ଓ ପଥରଖଣି କାର୍ଯ୍ୟଦ୍ୱାରା ପ୍ରଭାବିତ ଲୋକମାନଙ୍କର ସାମାଜିକ – ଆର୍ଥିକ କଲ୍ୟାଣରେ ଉନ୍ନତି ଆଣିବାରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନର କାର୍ଯ୍ୟ ଦକ୍ଷତାକୁ ସମାଲୋଚନା ମୂଳକ ଭାବରେ ମୂଲ୍ୟାଙ୍କନ କର ।

5. The recent EAC-PM Working Paper says that to meet the "duck curve" in more of a challenge of flexibility than generation. Discuss the phenomenon, its causative factors and measures & policy intervention to address this issue.

EAC-PM ର ସଦ୍ୟତମ କାର୍ଯ୍ୟକାରୀ ଦସ୍ତାବିଜ କହେ ଯେ "ବତକ ବକ୍ର (duck curve)" କୁ ସାମ୍ନା କରିବା ଉତ୍ପାଦନ ଅପେକ୍ଷା ନମନୀୟତାର ଏକ ବଡ ଆହ୍ୱାନ ଅଟେ । ଏହି ଘଟଣା, ତାହାର କାରଣ, ନିରାକରଣର ଉପାୟ ଏବଂ ନୀତିଗତ ହସ୍ତକ୍ଷେପ ଉପରେ ଆଲୋଚନା କର ।

6. What is environmental auditing? Discuss the salient features of the Environment Audit Rules, 2025 and examine their role in strengthening environmental compliance in India.

ପରିବେଶଗତ ଯାଞ୍ଚ (environmental auditing) କହିଲେ କ'ଣ ବୁଝ ? ପରିବେଶ ଅଡିଟ୍ ନିୟମ 2025 ର ପ୍ରମୁଖ ବୈଶିଷ୍ଟ୍ୟଗୁଡିକ ବିଷୟରେ ଆଲୋଚନା କର ଏବଂ ଭାରତରେ ପରିବେଶ ଅନୁପାଳନକୁ ସୁଦୃଢ଼ କରିବାରେ ସେମାନଙ୍କର ଭୂମିକ ନିର୍ଣ୍ଣୟ କର ।

7. With reference to the National Disaster Management Authority (NDMA) guidelines, discuss the structural and non-structural measures required to mitigate the impacts of recurrent monsoon floods in India. Illustrate your answer with suitable examples from recent flood events.

ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (NDMA) ନିର୍ଦ୍ଦେଶାବଳୀ ପରିପ୍ରେକ୍ଷୀରେ ଭାରତରେ ବାରମ୍ବାର ମୌସୁମୀବନ୍ୟାର ପ୍ରଭାବ ହ୍ରାସ କରିବା ପାଇଁ ଆବଶ୍ୟକ ହେଉଥିବା ସାଂରଚନିକ ଏବଂ ଅଣସାଂରଚନିକ ପଦକ୍ଷେପ ସମ୍ପର୍କରେ ଆଲୋଚନା କର । ସାମ୍ପ୍ରତିକ ବନ୍ୟାଘଟଣାରୁ ଉପଯୁକ୍ତ ଦୃଷ୍ଟାନ୍ତ ମାଧ୍ୟମରେ ତୁମର ଉତ୍ତର ପ୍ରଦାନ କର ।

8. What are Nationally Determined Contributions (NDCs) under the Paris Agreement? Discuss the key features of India's revised NDC for 2031-2035 and analyse how it seeks to balance climate ambition with economic growth, energy security, and climate justice.

ପ୍ୟାରିସ୍ ଚୁକ୍ତିନାମା ଅନୁଯାୟୀ ଜାତୀୟସ୍ତରରେ ନିର୍ଦ୍ଧାରିତ ଅବଦାନ (NDCs) କ'ଣ ? 2031-2035 ପାଇଁ ଭାରତର ସଂଶୋଧିତ NDC ର ମୁଖ୍ୟ ବୈଶିଷ୍ଟ୍ୟଗୁଡିକ ଆଲୋଚନା କର ଏବଂ ଏହା କିପରି ଅର୍ଥନୈତିକ ଅଭିବୃଦ୍ଧି, ଶକ୍ତି ସୁରକ୍ଷା ଏବଂ ଜଳବାୟୁନ୍ୟାୟ ସହିତ ଜଳବାୟୁ ମହତ୍ୱାକାଂକ୍ଷାକୁ ସନ୍ତୁଳିତ କରିବାକୁ ଚେଷ୍ଟା କରେ, ତାହା ବିଶ୍ଳେଷଣ କର ।

9. What is CERT-In? What is the role of CERT-In in Cyber Security in India?

CERT-In କ'ଣ ? ଭାରତରେ ସାଇବର ସୁରକ୍ଷାପାଇଁ CERT-In ର ଭୂମିକା ବିଷୟରେ ଉଲ୍ଲେଖ କର ।

10. What is Human Trafficking? Discuss the role of Border Security Force (BSF) in preventing cross-border human trafficking in India.

ମାନବ ଚାଲାଣ କଣ ? ଭାରତରେ ସୀମାପାର ମାନବ ଚାଲାଣ ରୋକିବାରେ ସୀମା ସୁରକ୍ଷା ବାହିନୀ (BSF) ର ଭୂମିକା ବିଷୟରେ ଆଲୋଚନା କର ।

11. Indigenization of Technology is key to achieving strategic autonomy and reducing external dependence. Examine India's efforts towards indigenization in the field of defence and space infrastructure.

କୌଶଳପୂର୍ବକ ସ୍ୱାୟତ୍ତତା ହାସଲ ଏବଂ ବାହ୍ୟ-ନିର୍ଭରଶୀଳତା ହ୍ରାସ କରିବା ପାଇଁ ବୈଷୟିକ ସ୍ୱଦେଶୀକରଣ ଏକ ପ୍ରମୁଖ ଆବଶ୍ୟକତା ବୋଲି ବିଚାର କର । ପ୍ରତିରକ୍ଷା ଓ ମହାକାଶ ଭିତ୍ତିଭୂମି କ୍ଷେତ୍ରରେ ଭାରତର ସ୍ୱଦେଶୀକରଣ ପ୍ରୟାସ ସମୀକ୍ଷା କର ।

12. What are nanorobots? How they can help targeted breast cancer therapy?

ନାନୋରୋବଟ (nanorobots) ଗୁଡ଼ିକ କ'ଣ ? ଲକ୍ଷ୍ୟଯୁକ୍ତ ସ୍ତନ କର୍କଟ ଚିକିତ୍ସା ପାଇଁ ସେସବୁ କିପରି ସାହାଯ୍ୟ କରିପାରିବେ, ସେ ବିଷୟରେ ଲେଖ ?

GROUP-B

ଗ୍ରୁପ୍-B

Candidates to attempt all questions in **300** *words.*

Each question carries **20** *marks.*

ପରୀକ୍ଷାର୍ଥୀମାନେ ସମସ୍ତ ପ୍ରଶ୍ନ **300** ଶବ୍ଦରେ ଉତ୍ତର ଦେବେ ।

ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ **20** ମାର୍କ ।

13. Analyse the causative factors and consequences of algorithmic bias. Suggest some ameliorative measures.

ଆଲ୍‌ଗୋରିଦ୍‌ମିକ ପକ୍ଷପାତ (algorithmic bias) ର କାରଣ ଓ ପରିଣାମ ବିଶ୍ଳେଷଣ କର । ଏହାର ସଂଶୋଧନ ପାଇଁ କିଛି ପଦକ୍ଷେପ ବର୍ଣ୍ଣନା କର ।

14. Evaluate the award of the 16th Finance Commission (FC) for Odisha in comparison with those of the 15th FC. The 16th FC has discontinued sector-specific and state-specific grants and revenue deficit grants under Article 275. Analyze how this change will affect Odisha's finances during the five-year award period.

15th ଅର୍ଥ କମିଶନ ତୁଳନାରେ ଓଡ଼ିଶା ନିମିତ୍ତ 16th ଅର୍ଥ କମିଶନ (FC) ପ୍ରଦତ୍ତ ଅର୍ଥର ମୂଲ୍ୟାଙ୍କନ କର । 16th ଅର୍ଥ କମିଶନ 275 ଧାରା ଅନୁଯାୟୀ କ୍ଷେତ୍ର-ନିର୍ଦ୍ଦିଷ୍ଟ, ରାଜ୍ୟ-ନିର୍ଦ୍ଦିଷ୍ଟ ତଥା ରାଜସ୍ୱ ନିଅଣ୍ଟ ଅନୁଦାନ ରଦ୍ଦ କରିଛି । ପାଞ୍ଚବର୍ଷିଆ ପ୍ରଦତ୍ତ ଅର୍ଥ ଅବଧି ମଧ୍ୟରେ ଏହି ପରିବର୍ତ୍ତନ ଓଡ଼ିଶାର ଆର୍ଥିକ ସ୍ଥିତିକୁ କିପରି ପ୍ରଭାବିତ କରିବ ତାହା ବିଶ୍ଳେଷଣ କର ।

15. Examine the strategy for high-value crop diversification in India for a sustainable farm income growth.

ଭାରତରେ କୃଷିକ୍ଷେତ୍ରରେ ଆୟର ସ୍ଥାୟୀ ବୃଦ୍ଧି ପାଇଁ ଉଚ୍ଚ ମୂଲ୍ୟର ଶସ୍ୟ ଆଡ଼କୁ ବିବିଧ କରଣ (high-value crop diversification) ର ରଣନୀତି କୁ ନିରୀକ୍ଷଣ କର ।

16. Despite strengthening environmental regulations and river rejuvenation programmes, industrial effluent continues to degrade the water quality of many Indian rivers. Discuss the major mitigation strategies for industrial pollution of rivers and critically examine the effectiveness of recent government initiatives in this regard.

ପରିବେଶଗତ ନିୟମ ଏବଂ ନଦୀ ପୁନରୁଦ୍ଧାର କାର୍ଯ୍ୟକ୍ରମକୁ ସୁଦୃଢ଼ କରିବା ସତ୍ତ୍ୱେ ଶିଳ୍ପବର୍ଜ୍ୟ ପ୍ରବାହ ଅନେକ ଭାରତୀୟ ନଦୀର ଜଳ ଗୁଣବତ୍ତା ହ୍ରାସ କରିବାରେ ଲାଗିଛି । ନଦୀଗୁଡ଼ିକର ଶିଳ୍ପପ୍ରଦୂଷଣର ହ୍ରାସ ପାଇଁ ପ୍ରମୁଖ ରଣନୀତି ବିଷୟରେ ଆଲୋଚନା କର । ଏହି ପରିପ୍ରେକ୍ଷୀରେ ସାମ୍ପ୍ରତିକ ସରକାରୀ ପଦକ୍ଷେପର ପ୍ରଭାବଶାଳୀତାକୁ ସମାଲୋଚନାତ୍ମକ ଭାବରେ ଦର୍ଶାଅ ।

17. Explain the recent crackdown of Govt. of India against online Child Sexual Abuse Materials (CSAM). Enumerate the legal and institutional architectures to combat the digital child sexual abuse.

ନିକଟରେ ଭାରତ ସରକାର ଅନ୍‌ଲାଇନ ଶିଶୁ ଯୌନ ଶୋଷଣ ସାମଗ୍ରୀ ଉପରେ କରିଥିବା କଠୋର କାର୍ଯ୍ୟାନୁଷ୍ଠାନ ବୁଝାଅ । ଏହାସହିତ, ଡିଜିଟାଲ ମାଧ୍ୟମରେ ଶିଶୁ ଯୌନ ଶୋଷଣକୁ ରୋକିବା ପାଇଁ ଥିବା ଆଇନ ଏବଂ ଅନୁଷ୍ଠାନିକ ଢାଞ୍ଚାଉପରେ ଆଲୋକପାତ କର ।

x x x

OPSC WALLAH